# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**09th March - 2024**

**News Editor : *Tapan Kumar Maharana***

*********************************

## ମୁଖ୍ୟ ସମ୍ବାଦ

- ଚଳିତ ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ରାଜ୍ୟର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ।

- ମିଶନ ଶକ୍ତି ଗୋଷ୍ଠୀ ସହାୟକ କର୍ମଚାରୀଙ୍କ ପ୍ରୋତ୍ସାହନ ରାଶି ବୃଦ୍ଧି କଲେ ରାଜ୍ୟ ସରକାର ।

— ଉପକୃତ ହେବେ ୫୯ ହଜାର ୫୦୯ ଜଣ ।

- ଶ୍ରୀମନ୍ଦିର ରତ୍ନଭଣ୍ଡାର ଅଳଙ୍କାର ସଂରକ୍ଷଣ ଓ ଗଣତିକୁ ନେଇ ବୈଠକ ଅନୁଷ୍ଠିତ ।

ଏବଂ

- ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆଉ କିଛି ସମୟ ପରେ ଅନୁଷ୍ଠିତ ହେବ ରାଜ୍ୟ କ୍ୟାବିନେଟ୍ ବୈଠକ ।

# ରାଷ୍ଟ୍ରୀୟ ଲୋକ ଅଦାଲତ

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଚଳିତ ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଓଡ଼ିଶା ହାଇକୋର୍ଟ ସମେତ ରାଜ୍ୟର ବିଭିନ୍ନ ଜିଲ୍ଲା ଓ ତାଲୁକ ସ୍ତରୀୟ ଅଦାଲତରେ ପଡ଼ି ରହିଥିବା ଫୌଜଦାରୀ, ଜମି ଅଧିଗ୍ରହଣ, ଦୁର୍ଘଟଣା ଜନିତ କ୍ଷତିପୂରଣ, ବ୍ୟାଙ୍କ୍ ସମ୍ବନ୍ଧୀୟ, ପାରିବାରିକ ଆଦି ମାମଲାଗୁଡ଼ିକର ତ୍ୱରିତ ସମାଧାନ କରାଯାଇଥିଲା ।

କଟକ ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ କଟକ ଜିଲ୍ଲା ଓ ଦୌରାଜଜ୍ କୋର୍ଟ ପରିସରରେ ଆଜି ଅନୁଷ୍ଠିତ ରାଷ୍ଟ୍ରୀୟ ଲୋକ ଅଦାଲତରେ ଜିଲ୍ଲା ଦୌରାଜଜ୍ ତଥା ଆଇସେବା ପ୍ରାଧିକରଣର ଅଧ୍ୟକ୍ଷ ସଞ୍ଜୟ ରଞ୍ଜନ ବହିଦାର ଅଧ୍ୟକ୍ଷତା କରିଥିଲେ । ଜିଲ୍ଲାରେ ମୋଟ ୩୦ ହଜାର ୮୨୧ଟି ମାମଲା ମଧ୍ୟରୁ ୧୫ ହଜାର ୫୯୩ଟି ମାମଲାର ତତ୍କାଳ ସମାଧାନ କରାଯାଇ ଜରିମାନା ବାବଦରେ ୩୦ କୋଟି ୪୧ ଲକ୍ଷ ୩୭ ହଜାର ୭୦୮ ଟଙ୍କା ଆଦାୟ କରାଯାଇଛି ।

କେନ୍ଦ୍ରାପଡ଼ା ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଜିଲ୍ଲା ନ୍ୟାୟାଳୟ ସମେତ ସମସ୍ତ ତାଲୁକ ସ୍ତରରେ ଆୟୋଜିତ ଲୋକ ଅଦାଲତରେ ମୋଟ୍ ୩ ହଜାର ୪୪୫ଟି ମାମଲା ମଧ୍ୟରୁ ୨ ହଜାର ୪୫୫ଟି ମାମଲାର ସମାଧାନ କରାଯାଇଥିଲା । ଜରିମାନା ବାବଦକୁ ୧ କୋଟି ୩୫ ଲକ୍ଷ ୫୬ ହଜାର ୪୯ ଟଙ୍କା ଆଦାୟ ହୋଇଥିଲା ।

ନୟାଗଡ଼ ଜିଲ୍ଲାରେ ୪ ହଜାର ୪୦୩ଟି ମାମଲାର ସମାଧାନ କରାଯାଇ ୧ କୋଟି ୧୫ ଲକ୍ଷ ୮୨ ହଜାର ୯୨୪ ଟଙ୍କା ଜରିମାନା ବାବଦରେ ଆଦାୟ କରାଯାଇଛି ।

ଗଜପତି ଜିଲ୍ଲାରେ ଅନୁଷ୍ଠିତ ଲୋକ ଅଦାଲତରେ ୨ ହଜାର ୧୧ଟି ମାମଲାର ମଧ୍ୟରୁ ୧ ହଜାର ୭୭୦ଟି ମାମଲାର ତ୍ୱରିତ ସମାଧାନ କରାଯାଇ ଜରିମାନା ବାବଦରେ ୪୪ ଲକ୍ଷ ୮୩ ହଜାର ୧୪୯ ଟଙ୍କା ଆଦାୟ କରାଯାଇଥିଲା ।

କଳାହାଣ୍ଡି ଜିଲ୍ଲାରେ ଅନୁଷ୍ଠିତ ରାଷ୍ଟ୍ରୀୟ ଲୋକ ଅଦାଲଦରେ ମୋଟ୍ ୯୮୪ଟି ମାମଲାର ସମାଧାନ କରାଯାଇ କ୍ଷତିପୂରଣ ବାବଦକୁ ୨ କୋଟି ୧୪ ଲକ୍ଷ ୫୮ ହଜାର ୧୩୮ ଟଙ୍କା ଆଦାୟ କରାଯାଇଥିଲା ।

ରାୟଗଡ଼ା ଜିଲ୍ଲା ସିଭିଲ୍ କୋର୍ଟ ସମେତ ଜିଲ୍ଲାର ସମସ୍ତ ଅଦାଲତରେ ଆଜି ଅନୁଷ୍ଠିତ ରାଷ୍ଟ୍ରୀୟ ଲୋକ ଅଦାଲତରେ ମୋଟ ୧ ହଜାର ୭୦୯ଟି ମାମଲାର ଫଏସଲା କରାଯାଇ ୧ କୋଟି ୧୨ ଲକ୍ଷ ଟଙ୍କା ଆଦାୟ କରାଯାଇଛି ।

ମାଲକାନଗିରି ଜିଲ୍ଲାରେ ଅନୁଷ୍ଠିତ ଲୋକ ଅଦାଲତରେ ମୋଟ ୪ ହଜାର ୯୪୨ଟି ମାମଲାର ଫଇସଲା କରାଯାଇ ଜରିମାନା ବାବଦକୁ ୧୭ ଲକ୍ଷ ୫୬ ହଜାର ୬୩୫ ଟଙ୍କା ଆଦାୟ କରାଯାଇଛି ।

ରାଜ୍ୟର ଅନ୍ୟାନ୍ୟ ଜିଲ୍ଲାରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାର ଖବରମାନ ଆମର ହସ୍ତଗତ ହେବାରେ ଲାଗିଛି ।

# ମିଶନ ଶକ୍ତି

ରାଜ୍ୟ ସରକାର ମିଶନ ଶକ୍ତିର ଗୋଷ୍ଠୀ ସହାୟକ କର୍ମଚାରୀ - (କମ୍ୟୁନିଟି ସପୋର୍ଟ ଷ୍ଟାଫ୍)ମାନଙ୍କର ପ୍ରୋତ୍ସାହନ ରାଶି ବୃଦ୍ଧି କରିଛନ୍ତି । ଏହାଦ୍ୱାରା ୫୯ ହଜାର ୫୦୯ ଜଣ ବ୍ୟାଙ୍କ ମିତ୍ର, ପ୍ରାଣୀ ମିତ୍ର, କୃଷି ମିତ୍ର ଓ ଜୀବିକା ସହାୟିକା ଉପକୃତ ହେବେ । ବିଭିନ୍ନ ଗ୍ରାମ ପଞ୍ଚାୟତ ସ୍ତରରେ କାର୍ଯ୍ୟ କରୁଥିବା ସମସ୍ତ କମ୍ୟୁନିଟି ସପୋର୍ଟ ଷ୍ଟାଫ୍‌ମାନେ ମଧ୍ୟ ଉପକୃତ ହେବେ । ଏହି ବର୍ଦ୍ଧିତ ରାଶି ୨୦୨୩ ମସିହା ଅକ୍ଟୋବର ମାସଠାରୁ ପିଛିଲା ଭାବେ ଲାଗୁ କରାଯିବ । ବ୍ୟାଙ୍କ ମିତ୍ର ଏବଂ ଜୀବିକା ସହାୟିକାଙ୍କ ପ୍ରୋତ୍ସାହନ ରାଶି ୬ ହଜାର ୭୫୦ ଟଙ୍କାରୁ ୧୦ ହଜାର ୭୫୦ ଟଙ୍କାକୁ ବୃଦ୍ଧି କରାଯାଇଥିବାବେଳେ କୃଷି ମିତ୍ର ଓ ପ୍ରାଣୀ ମିତ୍ରଙ୍କ ମାସିକ ପ୍ରୋତ୍ସାହନ ରାଶି ୩ ହଜାର ୭୫୦ ଟଙ୍କାରୁ ୬ ହଜାର ୨୫୦ ଟଙ୍କାକୁ ବୃଦ୍ଧି କରାଯାଇଛି । ସେହିପରି ସି.ଆର୍.ପି.-ସି.ଏମ୍.ଙ୍କ ପ୍ରୋତ୍ସାହନ ରାଶି ୩ ହଜାର ୬୦୦ରୁ ୬ ହଜାର ୧୦୦ ଟଙ୍କାକୁ ବୃଦ୍ଧି କରାଯାଇଛି । ଏଥିପାଇଁ ସରକାର ଅତିରିକ୍ତ ୯୬ କୋଟି ୫୧ ଲକ୍ଷ ଟଙ୍କା ବ୍ୟୟ ବରାଦ କରିଛନ୍ତି ।

# ରତ୍ନଭଣ୍ଡାର କମିଟି ବୈଠକ

ଶ୍ରୀମନ୍ଦିର ରତ୍ନଭଣ୍ଡାର ଅଳଙ୍କାର ତାଲିକା ପ୍ରସ୍ତୁତି ତଦାରଖ କମିଟିର ପ୍ରଥମ ବୈଠକ ଜଷ୍ଟିସ୍ ଅରିଜିତ୍ ପଶାୟତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ରତ୍ନଭଣ୍ଡାରରେ ଥିବା ଅଳଙ୍କାରକୁ କିପରି ସଂରକ୍ଷଣ କରାଯିବ, ସେ ସମ୍ପର୍କରେ ଆଲୋଚନା କରାଯାଇଛି । ଶ୍ରୀମନ୍ଦିର ରତ୍ନଭଣ୍ଡାରର ମୂଲ୍ୟବାନ ବସ୍ତୁ ଓ ଅଳଙ୍କାର ଗଣତି ନେଇ ଆବଶ୍ୟକ ପଡ଼ିଲେ ଏଣ୍ଡୋସ୍କୋପି ଭଳି କ୍ୟାମେରାଦ୍ୱାରା ବୈଷୟିକ ଜ୍ଞାନକୌଶଳର ସହଯୋଗ ନିଆଯିବ ବୋଲି ବୈଠକରୁ ଜଣାପଡ଼ିଛି । ରଥଯାତ୍ରା ପରେ ଏହି କାର୍ଯ୍ୟ କରାଯିବାକୁ ସମୟ ଧାର୍ଯ୍ୟ କରାଯାଇଛି । ଆଜି ଅନୁଷ୍ଠିତ ପ୍ରଥମ ବୈଠକରେ ଜଷ୍ଟିସ୍ ପଶାୟତଙ୍କୁ ନେଇ ଗଠିତ ୧୨ ଜଣିଆ କମିଟି ଶ୍ରୀମନ୍ଦିର କାର୍ଯ୍ୟାଳୟରେ ବିଭିନ୍ନ ଦିଗକୁ ନେଇ ସମୀକ୍ଷା କରିଥିଲେ । ୧୯୭୮ ମସିହାରେ ଶେଷ ଥରପାଇଁ ରତ୍ନ ଭଣ୍ଡାର ଖୋଲାଯାଇ ଗଣତି ହୋଇଥିବା ରିପୋର୍ଟକୁ ଆଧାର କରି ଆଗାମୀ ଦିନରେ ଗଣତି କରାଯିବାପାଇଁ ନିଷ୍ପତ୍ତି ହୋଇଛି । ଅନ୍ୟପକ୍ଷରେ ରତ୍ନଭଣ୍ଡାର ମରାମତିକୁ ନେଇ ଆଜି ବୈଠକରେ ଆଲୋଚନା ହୋଇ ନ ଥିବା ଜଣାପଡ଼ିଛି ।

*Desk*

# ନିଯୁକ୍ତିପତ୍ର ବଣ୍ଟନ

ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଅର୍ଥ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, କ୍ରୀଡ଼ା ଓ ଯୁବସେବା ବିଭାଗ, ଇସ୍ପାତ ଓ ଖଣି ବିଭାଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଉଚ୍ଚ ଶିକ୍ଷା ବିଭାଗ, ଗୃହ ବିଭାଗରେ ୧ ହଜାର ୨୯୪ ଜଣଙ୍କୁ ନିଯୁକ୍ତି ଦିଆଯାଇଛି । ଏହି ଅବସରରେ ଲୋକସେବା ଭବନ ସମ୍ମିଳନୀ କକ୍ଷ ଏବଂ ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ନିଯୁକ୍ତି ପର୍ବରେ ଆଜି ମୁଖ୍ୟମନ୍ତ୍ରୀ ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ୭୨୫ ଜଣ କନିଷ୍ଠ ସହାୟକ, ଅର୍ଥ ବିଭାଗରେ ୧୭୭ ଜଣ ସ୍ଥାନୀୟ ପାଣ୍ଠି ସମୀକ୍ଷକ, ୯୬ ଜଣ ସହକାରୀ ବାଣିଜ୍ୟ କର ଏବଂ ଦ୍ରବ୍ୟ ଓ ସେବା କର ଅଧିକାରୀ, ୭ଜଣ ଉପଖଣ୍ଡ ଆର୍ଥିକ ସେବା ଓ ସଞ୍ଚୟ ଅଧିକାର ନିଯୁକ୍ତି ପାଇଛନ୍ତି । ଅର୍ଥ ବିଭାଗରେ ମୋଟ ୨୮୦ ଜଣ ନୂତନ ଭାବେ ନିଯୁକ୍ତି ପାଇଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗରେ ୧୧୬ ଜଣ କନିଷ୍ଠ ସହାୟକ, ୫ଜଣ କନିଷ୍ଠ କିରାଣୀ ଏବଂ ୮ଜଣ କନିଷ୍ଠ ଷ୍ଟେନୋଗ୍ରାଫର ନିଯୁକ୍ତି ପାଇଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗରେ ମୋଟ ୧୨୯ ଜଣ ନୂତନ ଭାବେ ନିଯୁକ୍ତି ପାଇଛନ୍ତି। କ୍ରୀଡ଼ା ବିଭାଗରେ କ୍ରୀଡ଼ା କ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ୧୬୦ ଜଣ କୃତୀ କ୍ରୀଡ଼ାବିତଙ୍କୁ ନିଯୁକ୍ତି ଦିଆଯାଇଛି। ଇସ୍ପାତ ଓ ଖଣି ବିଭାଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଉଚ୍ଚ ଶିକ୍ଷା ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଓ ଗୃହ ବିଭାଗର

ବିଭିନ୍ନ ପଦବୀରେ ନିଯୁକ୍ତି ପାଇଛନ୍ତି। ଏହି କାର୍ଯ୍ୟକ୍ରମରେ ବିଭାଗୀୟ ମନ୍ତ୍ରୀ ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

***Desk***

# ମୋ ବସ୍ ସେବା

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ସମ୍ବଲପୁର ଓ ବ୍ରହ୍ମପୁର ସହରରେ 'ମୋ ବସ୍' ସେବାର ଶୁଭାରମ୍ଭ କରିଛନ୍ତି । ଉଭୟ ସହରରେ ୧୫ଟି ଲେଖାଏଁ ବସ୍ ଚଳାଚଳ କରିବ ବୋଲି ଜଣାପଡ଼ିଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଉତ୍ତମ ଯୋଗାଯୋଗ ସମୃଦ୍ଧ ଭବିଷ୍ୟତର ଆଧାର । ଏହାଦ୍ୱାରା ଜନସାଧାରଣ ସହର ଭିତରେ ଏବଂ ଆଖପାଖ ଅଞ୍ଚଳକୁ ସୁବିଧାରେ ଏବଂ କମ୍ ଖର୍ଚ୍ଚରେ ଯିବା ଆସିବା କରିପାରିବେ । ମୋ ବସ୍ ପାଇଁ ଉଭୟ କ୍ୟାସ୍ ଓ ଡିଜିଟାଲ୍ ପେମେଣ୍ଟ୍ ବ୍ୟବସ୍ଥା ସହିତ 'ମୋ ବସ୍ କାର୍ଡ୍ ଟ୍ୟାପ୍ ଆଣ୍ଡ ପେ' ସୁବିଧା କରାଯାଇଛି ବୋଲି ସେ କହିଛନ୍ତି ।

***Desk***

# ଭକ୍ତମଧୁ - ବର୍ଣ୍ଣବୋଧ

ଭକ୍ତକବି ମଧୁସୂଦନ ରାଓଙ୍କ ରଚିତ 'ବର୍ଣ୍ଣବୋଧ' ଛାପାକୁ ରାଜ୍ୟ ସରକାର ସବୁଜ ସଙ୍କେତ ଦେଇଛନ୍ତି। ଏହି ପୁସ୍ତକ ଓଡ଼ିଆ ଭାଷାର ମୂଳଦୁଆ ବୋଲି ବିବେଚନା କରାଯାଉଥିବା ବେଳେ ଖୁବ୍‌ଶୀଘ୍ର ପୁଣି ଥରେ ଏହା

ଛାତ୍ରଛାତ୍ରୀଙ୍କ ନିକଟକୁ ଯିବ। ଏହି ପୁସ୍ତକ ଛାପା ହେବା ସହିତ ଏହାର ବଣ୍ଟନ ପ୍ରକ୍ରିୟା ଆରମ୍ଭ ହେବ ବୋଲି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହାର ପୁନଃ ମୁଦ୍ରଣ ନେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ କାର୍ଯ୍ୟପନ୍ଥା ଗ୍ରହଣ କରାଯାଇଛି। ଏହି ପୁସ୍ତକକୁ ପ୍ରସ୍ତୁତ କରିବା ପାଇଁ କେତେକ ବରିଷ୍ଠ ସାହିତ୍ୟିକ ତଥା ଭାଷାବିତଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି। ମୂଳ 'ବର୍ଣ୍ଣବୋଧ'ରେ କୌଣସି ପରିବର୍ତ୍ତନ ହେବନାହିଁ । ଏହାର ଅବିକଳ ମୁଦ୍ରଣ କରାଯିବାକୁ ସମସ୍ତ ପ୍ରସ୍ତୁତି ପ୍ରାୟ ଶେଷ ପର୍ଯ୍ୟାୟରେ ପହଁଞ୍ଚିଛି।

***Desk***

# ରାଜ୍ୟ କ୍ୟାବିନେଟ୍

ରାଜ୍ୟ କ୍ୟାବିନେଟର ବୈଠକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆଜି ଲୋକସେବା ଭବନରେ ଆଉ କିଛି ସମୟ ପରେ ଅନୁଷ୍ଠିତ ହେବ। ଏଥିରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ଆଲୋଚନା ହେବ ବୋଲି ସୂଚନା ମିଳିଛି। ସ୍ୱାସ୍ଥ୍ୟ, ରାଜସ୍ୱ, ସାଧାରଣ ପ୍ରଶାସନ ଭଳି ବିଭିନ୍ନ ବିଭାଗର ୧୨ଟି ପ୍ରସ୍ତାବ ଉପରେ କ୍ୟାବିନେଟ୍‌ରେ ନିଷ୍ପତ୍ତି ନିଆଯିବ ବୋଲି ସୂଚନା ମିଳିଛି।

*PR*

## ଶ୍ରୀମନ୍ଦିର - ପଥର ଖସିବା

ପୁରୀ ଶ୍ରୀମନ୍ଦିରରେ ଆଜି ଭୋର୍ ସମୟରେ ଖସିଥିବା ପଥର ବରାହ ମନ୍ଦିରର ବୋଲି ଜଣାପଡ଼ିଛି । ଏହାଯୋଗୁଁ ବରାହ ମନ୍ଦିର ସନ୍ନିକଟ ଏକଦାଶୀ ମନ୍ଦିରର ଟିଣ ଛାତ କ୍ଷତିଗ୍ରସ୍ତ ହୋଇଛି । ପଥର ଖସିବା ଯୋଗୁଁ ଶ୍ରୀମନ୍ଦିର ପ୍ରତି କୌଣସି ବିପଦ ନ ଥିବା ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା - ଏ.ଏସ୍.ଆଇ. କହିଛି । ଏହାର ସଂରକ୍ଷଣ କରାଯାଇ ତୁରନ୍ତ ମରାମତି କରାଯିବ ବୋଲି ଏ.ଏସ୍.ଆଇ. ପକ୍ଷରୁ କୁହାଯାଇଛି ।

*Sonepur/R*

## ଭୀମଭୋଇ - ଶ୍ରାଦ୍ଧ ଉତ୍ସବ

ମହିମା ଧର୍ମର ପ୍ରମୁଖ ପ୍ରଚାରକ ତଥା କାଳଜୟୀ ସନ୍ଥକବି ଭୀମଭୋଇଙ୍କ ରାଜ୍ୟସ୍ତରୀୟ ଶ୍ରଦ୍ଧ ଉତ୍ସବ ସୁବର୍ଣ୍ଣପୁରଠାରେ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଆ ସାହିତ୍ୟ ଓ ଭାଷାକୁ ସମୃଦ୍ଧ କରିଥିବା ମାନବବାଦୀ କବି ଭୀମଭୋଇଙ୍କ ସୃଜନ ସମ୍ଭାର ସମାଜପ୍ରେରିତ ଥିଲା ବୋଲି ପ୍ରଫେସର ଡକ୍ଟର ଶୁକମୁନି ମେହେର ଆଲୋକପାତ କରିଥିବାବେଳେ ମହିମା ଧର୍ମର ଦର୍ଶନ, କବିଙ୍କ ଜୀବନାଦର୍ଶ ଏବଂ ଶୂନ୍ୟ ସାହିତ୍ୟକୁ ନେଇ ଆଲୋଚନା କରିଥିଲେ । ଓଡ଼ିଶା ସାହିତ୍ୟ ଏକାଡେମୀ ଓ ମହାନଦୀ ସାହିତ୍ୟ ସଂସଦ

ତରଫରୁ ଆୟୋଜିତ ଶ୍ରାଦ୍ଧ ଉତ୍ସବରେ କବି ଶାମାଓଁ ପ୍ରସାଦ ମିଶ୍ର ସଭାପତିତ୍ୱ କରିଥିବାବେଳେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ ଓ ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ ମେହେର, ଡକ୍ଟର ସଙ୍ଗୀତା ରଥ ପ୍ରମୁଖ ଯୋଗଦେଇ କବି ଭୀମଭୋଇଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ ।

*****